# India-EU Consultations on Disarmament and Non-proliferation

February 10, 2022

## ଭାରତ-ୟୁରୋପୀୟ ସଂଘ ମଧ୍ୟରେ ନିରସ୍ତ୍ରୀକରଣ ଓ ଆଣବିକ ଅପ୍ରସାର ପ୍ରସଙ୍ଗରେ ବିଚାର ବିମର୍ଷ

**ଫେବୃଆରୀ 10, 2022**

ନିରସ୍ତ୍ରୀକରଣ ଓ ଆଣବିକ ଅପ୍ରସାର ପ୍ରସଙ୍ଗରେ ଭାରତ-ୟୁରୋପୀୟ ସଂଘ ମଧ୍ୟରେ ସପ୍ତମ ପର୍ଯ୍ୟାୟ ବିଚାର ବିମର୍ଷ 10 ଫେବୃଆରୀ 2022 ରେ ଭର୍ଚୁଆଲ୍ ଫର୍ମାଟରେ ଅନୁଷ୍ଠିତ ହୋଇଯାଇଛି। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନ୍ତର୍ଗତ ନିରସ୍ତ୍ରୀକରଣ ଓ ଆନ୍ତର୍ଜାତୀୟ ସୁରକ୍ଷା ବ୍ୟାପାର ବିଭାଗର ଯୁଗ୍ମ ସଚିବ ଏବଂ ନିରସ୍ତ୍ରୀକରଣ ଓ ଆଣବିକ ଅପ୍ରସାର ପାଇଁ ୟୁରୋପୀୟ ସଂଘର ସ୍ୱତନ୍ତ୍ର ଦୂତ ତଥା ଇଉରୋପୀୟ ବାହ୍ୟ କାର୍ଯ୍ୟ ସେବା ଅନ୍ତର୍ଗତ ନିରସ୍ତ୍ରୀକରଣ, ଆଣବିକ ଅପ୍ରସାର ଏବଂ ଅସ୍ତ୍ରଶସ୍ତ୍ର ରପ୍ତାନି ନିୟନ୍ତ୍ରଣ ବିଭାଗର ମୁଖ୍ୟ ଦୁଇ ପକ୍ଷର ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିଲେ।

ଆଣବିକ, ରାସାୟନିକ ଏବଂ ଜୈବିକ ଡୋମେନ, ବାହ୍ୟ ମହାକାଶ ପ୍ରସଙ୍ଗ, ପାରମ୍ପାରିକ ଅସ୍ତ୍ରଶସ୍ତ୍ର ଏବଂ ରଣନୈତିକ ରପ୍ତାନି ନିୟନ୍ତ୍ରଣ ସମ୍ବନ୍ଧୀୟ ନିରସ୍ତ୍ରୀକରଣ ଓ ଅପ୍ରସାର ପ୍ରସଙ୍ଗରେ ଉଭୟ ପକ୍ଷ ଆଲୋଚନା କରିଥିଲେ। ଭାରତ-ୟୁରୋପୀୟ ସଂଘ ରଣନୀତିକ ଭାଗିଦାରୀକୁ ଅଧିକ ମଜବୁତ କରିବା ପାଇଁ 2025 ପର୍ଯ୍ୟନ୍ତ ରୋଡମ୍ୟାପ ଅନୁସାରେ ଏହି ବିଚାର ବିମର୍ଷ ଅନୁଷ୍ଠିତ ହୋଇଥିଲା।

**ନୂଆଦିଲ୍ଲୀ**

**ଫେବୃଆରୀ 10, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.